ପ୍ରେସ୍ ନୋଟ୍

## ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ପର୍ଯ୍ୟାୟ-୨ ର ସମୀକ୍ଷା ବୈଠକ ।

ଅନୁଗୋଳ,ତା.୨୧.୬:- ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ପର୍ଯ୍ୟାୟ-୨ ସହାୟତାରେ ଆଠମଲ୍ଲିକ ବନଖଣ୍ଡ ଦ୍ୱାରା ୨୦୧୭ ମସିହାରୁ ଉକ୍ତ ବନଖଣ୍ଡର ୭୫ଟି ବନ ସଂରକ୍ଷଣ ସମିତି ମାଧ୍ୟମରେ ଜଙ୍ଗଲ ସୁରକ୍ଷା ଓ ଏହାର ରକ୍ଷଣାବେକ୍ଷଣ ତଥା ଜଙ୍ଗଲ ଉପରେ ନିର୍ଭର କରି ଚଳୁଥିବା ଅଧିବାସୀମାନଂକ ଜିବିକା ବୃଦ୍ଧି ପାଇଁ କାର୍ଯ୍ୟ କରି ଆସୁଅଛି । ଆଜି ପୂର୍ବାହ୍ନରେ ନାଲ୍‌କୋ ପ୍ରେକ୍ଷାଳୟରେ ୨୦୨୧-୨୨ ବର୍ଷର ବାର୍ଷିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆଠମଲ୍ଲିକ ବନଖଣ୍ଡ ଦ୍ୱାରା ନିଆଯାଇଥିବା ପ୍ରକଳ୍ପର ପ୍ରଶଂସା କରିବା ସହ ବିଭିନ୍ନ ସରକାରୀ ବିଭାଗ ସହଯୋଗରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପର ସମୀକ୍ଷା କରିଥିଲେ । ପ୍ରକଳ୍ପ ମାଧ୍ୟମରେ ଜଙ୍ଗଲ ଉପରେ ନିର୍ଭର କରି ଚଳୁଥିବା ଲୋକଂକ ସାମାଜିକ ଓ ଆର୍ଥିକ ଅଭିବୃଦ୍ଧି ସହ ଜଙ୍ଗଲ ବୃଦ୍ଧି କରିବାରେ ବନ ସଂରକ୍ଷଣ ସମିତିର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ସେ ପ୍ରକାଶ କରିଥିଲେ । ବନ ସଂରକ୍ଷଣ ସମିତିଗୁଡିକୁ କିପରି ସୌରଶକ୍ତି ପ୍ରଦାନକରାଯାଇପାରିବ ସେଥିପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆଯିବ । ବିଭିନ୍ନ ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବନ ବିଭାଗ ଦ୍ୱାରା ଅଭିନବ ଯୋଜନା କାର୍ଯ୍ୟକାରୀ କରିବା । ବିଭାଗ ଗୁଡିକର ସମନ୍ୱୟରେ ଏହି ଯୋଜନାଗୁଡିକୁ ଆଗେଇ ନିଆଯିବ । ଏଥିପାଇଁ ଜିଲ୍ଲା ପ୍ରଶାସନର ସବୁବେଳେ ସହଯୋଗର ହାତ ରହିବ ବୋଲି ଜିଲ୍ଲାପାଳ ପ୍ରକାଶ କରିବା ସହ ବନଖଣ୍ଡ ଅଧିକାରୀଂକ ପ୍ରୟାସକୁ ପ୍ରଶଂସା କରିଥିଲେ । ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଆଠମଲ୍ଲିକ ଡିଭିଜନ ତରଫରୁ ନିଆଯାଇଥିବା କାର୍ଯ୍ୟକ୍ରମ ଉପରେ ବନଖଣ୍ଡ ଅଧିକାରୀ ଆନନ୍ଦ ଏସ୍ ବିସ୍ତୃତ ବିବରଣୀ ଉପସ୍ଥାପନ କରିଥିଲେ । ଉପଖଣ୍ଡର ୩୬୪୨ ହେକ୍ଟର ପରିମିତ ଜଙ୍ଗଲ ଜମିର ରକ୍ଷଣାବେକ୍ଷଣ ଓ ସୁରକ୍ଷା, ଲୋକମାନଂକର ଆର୍ଥିକ ଉନ୍ନତି ପାଇଁ ୩୩୫,୯୦୮ ଟି ଶ୍ରମ ଦିବସ ସୃଷ୍ଟି, ୭୫ଟି ବନ ସଂରକ୍ଷଣ ସମିତିକୁ ୧ କୋଟି ୨୦ଲକ୍ଷ ଟଂକାର ସହାୟତା ରାଶି ପ୍ରଦାନ, ୧୧୧ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ୭୦.୭୦ ଲକ୍ଷଟଂକାର ଋଣ ପ୍ରଦାନ, ପ୍ରଧାନମନ୍ତ୍ରୀ ବୀମା ଯୋଜନାରେ ୨୮୭୯ଜଣଂକୁ ସାମିଲ, ଡି ଡି ୟୁ ଜି କେ ଓାଇ ଓ ଆର କେ ଭି ୱାଇ ମାଧ୍ୟମରେ ୮୨ ଜଣଂକୁ ଦକ୍ଷତା ବିକାଶ ତାଲିମ, ଖଦି କମିଶନ ମାଧ୍ୟମରେ ମହୁ ଚାଷ, ଜିଲ୍ଲା ଖଣିଜ ପାଣ୍ଠିରୁ ୧୨ଟି ବନ ସଂରକ୍ଷଣ ସମିତିର ଯୁବକ ଯୁବତୀଂକୁ କମ୍ପୁଟର ଶିକ୍ଷା ସହ ବ୍ୟକ୍ତିଗତ ୪୭୩.୪୩ ହେକ୍ଟର ଜମିରେ ଜଙ୍ଗଲ ସୃଷ୍ଟି ଚାରା ରୋପଣ,କୃଷି ଉନ୍ନୟନ, ଫଳ ଓ ପନିପରିବା ଚାଷ ଇତ୍ୟାଦି ହାତକୁ ନିଆଯାଇ ଲୋକଂକୁ ସ୍ୱାବଲମ୍ବୀ କରାଯାଇଥିବା ପ୍ରକାଶ କରିଥିଲେ । ବନଖଣ୍ଡର ସହକାରୀ ବନ ସଂରକ୍ଷକ ଶ୍ରୀ ଗୌରୀ ଶଙ୍କର ଦାସ ପ୍ରକଳ୍ପ ତରଫରୁ ସମସ୍ତ ୭୫ଟି ବନ ସଂରକ୍ଷଣ ସମିତିରେ ନିଆଯାଇଥିବା କାର୍ଯ୍ୟକ୍ରମ, ସହଭାଗିତା ଓ ସରକାରୀ ବିଭାଗ ଗୁଡିକର ସହଯୋଗରେ ଚାଲୁଥିବା ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ । ପ୍ରକାଶଥାଉକି, ସମ୍ପୃକ୍ତ ବିଭାଗ ସହାୟତାରେ ଅଦ୍ୟାବଧି ୧୮ କୋଟିରୁ ଉର୍ଦ୍ଧ୍ୱ ଆର୍ଥିକ ସହାୟତା ବିଭିନ୍ନ ପ୍ରକଳ୍ପ ମାଧ୍ୟମରେ ଗ୍ରାମରେ ପହଂଚାଯାଇଛି ବୋଲି ସେ ପ୍ରକାଶ କରିଥିଲେ ।

ଓଡିଶା ବନାଂଚଳ ଉନ୍ନୟନ ସମିତିର ଉପ- ନିର୍ଦ୍ଦେଶକ ଡ. ସୁଦର୍ଶନ ସାହୁ ଆଠମଲ୍ଲିକ ବନଖଣ୍ଡରେ ନିଆଯାଇଥିବା କାର୍ଯ୍ୟକ୍ରମର ସମୀକ୍ଷା କରିବା ସହ ରାଜ୍ୟର ସମସ୍ତ ୧୨ଟି ବନଖଣ୍ଡ ଠାରୁ ଆଠମଲ୍ଲିକ ବନଖଣ୍ଡ ସର୍ବୋତ୍ତମ ବୋଲି ପ୍ରକାଶ କରିଥିଲେ । ଅନ୍ୟମାନଂକ ମଧ୍ୟରେ ଅନୁଗୋଳ ବନଖଣ୍ଡ ଅଧିକାରୀ ଶ୍ରୀ ବିବେକ କୁମାର ତ୍ୟାଗି, ପ୍ରୋବେସନର ସନି ଖୋକର, ବନରାଜିକ ମହାବିଦ୍ୟାଳୟର ନିର୍ଦ୍ଦେଶକ ଶ୍ରୀ ସଂଗ୍ରାମ କେଶରୀ ବେହେରା,ଆଠମଲ୍ଲିକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ସନ୍ତୋଷ ସାହୁ ଓ କିଶୋରନଗର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ.ସ୍ୱରୁପାନନ୍ଦ ସାହୁଂକ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ପ୍ରାରମ୍ଭରେ ବୈଷୟିକ ପରାମର୍ଶଦାତା ଶ୍ରୀ ଗିରିଜା ଶଂକର ଦାସ ସମସ୍ତଂକୁ ସ୍ୱାଗତ ଜଣାଇଥିବା ବେଳେ ବିଶ୍ୱ ଯୁବ କେନ୍ଦ୍ରର ନିର୍ଦ୍ଦେଶକ ଶ୍ରୀ ମନୋଜ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସମୀକ୍ଷା ବୈଠକର ୭୫ଟି ବନ ସଂରକ୍ଷଣ ସମିତିର ପ୍ରତିନିଧି, ବନରାଜିକ ମହାବିଦ୍ୟାଳୟ ଛାତ୍ର ଛାତ୍ରୀ, ସ୍ୱୟଂ ସହାୟକ ଗୋଷ୍ଠୀର ପ୍ରତିନିଧିମାନେ ଯୋଗଦାନ କରିଥିଲେ । ଏହି ଉପଲକ୍ଷେ ସ୍ୱୟଂ ସହାୟକ ଗୋଷ୍ଠୀମାନଂକ ଦ୍ୱାରା ପ୍ରସ୍ତୁତ ସାମଗ୍ରୀର ପ୍ରଦର୍ଶନୀକୁ ଜିଲ୍ଲାପାଳ ଉଦଘାଟନ କରିଥିଲେ ।

